BN-8

# କାଳ୍ପନିକ ଅଫର / ଲଟେରୀରେ ଜୟଲାଭ / ଚିପ୍ ଫଣ୍ଡ ଅଫର ପାଇଁ ଚିପ୍ ଫଣ୍ଡଗୁଡ଼ିକର କାଳ୍ପନିକ ଅଫର ବିପକ୍ଷରେ ଜନସାଧାରଣଙ୍କ ପାଇଁ ଆରବିଆଇର ସତର୍କ ସୂଚନା

କାଳ୍ପନିକ ଅଫରଗୁଡ଼ିକ ଉପରେ ବ୍ୟାଙ୍କଗୁଡ଼ିକୁ ଅତ୍ୟଧିକ ସଜାଗ ଦୃଷ୍ଟି ଓ ସାବଧାନତା ଅବଲମ୍ବନ କରିବା ପାଇଁ 26 ମଇ, 2010 ତାରିଖରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି ଏବଂ ଯଦି କୌଣସି କ୍ଷେତ୍ରରେ ପୁରସ୍କାର ଅର୍ଥ/ ଆୱାର୍ଡ଼ ଅର୍ଥ ପାଇବା ପାଇଁ ଆକାଉଣ୍ଟ ଖୋଲାଯାଇଥାଏ ଏବଂ/କିମ୍ବା ଏଥିପାଇଁ ଟ୍ରାନ୍ଜାକ୍ସନ ଚାର୍ଜ ଦେୟ ହୋଇଥାଏ ତେବେ ଏହିସବୁ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଅତିରିକ୍ତ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। ରିଜର୍ଭ ବ୍ୟାଙ୍କ ଏହା ସ୍ପଷ୍ଟ କରିଦେଇଛନ୍ତି ଯେ ଭାରତରେ ବାସ କରୁଥିବା ଯେକୌଣସି ବ୍ୟକ୍ତି ଏବଂ ଏ ପ୍ରକାର ପଇଠ ପ୍ରତ୍ୟକ୍ଷ /ପରୋକ୍ଷ ଭାବରେ ଭାରତ ବାହାରେ ରହି ପଠାଉଥିଲେ ବା ଗ୍ରହଣ କରୁଥିଲେ ବୈଦେଶିକ ବିନିମୟ ପରିଚାଳନା ଆଇନ୍ ୧୯୯୨ର ଶୃଙ୍ଖଳାଭଙ୍ଗ ପାଇଁ ତାଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବ୍ୟତୀତ ନୋ ୟୁଓର କଷ୍ଟମର (କେୱାଇସି) ନିୟମ / ଆଣ୍ଟି ମନି ଲଣ୍ଡରିଂ (ଏଏମ୍ଏଲ୍) ମାନଙ୍କର ଶୃଙ୍ଖଳାଭଙ୍ଗ ପାଇଁ ଆଇନ୍‌ଗତ ଭାବରେ ଦାୟୀ ରହିବେ।

ରିଜର୍ଭ ବ୍ୟାଙ୍କ ପୁନଶ୍ଚ ଘୋଷଣା କରିଛନ୍ତି ଯେ ବୈଦେଶିକ ବିନିମୟ ପରିଚାଳନା ଆଇନ୍ ୧୯୯୨ ଅନୁଯାୟୀ ଯେକୌଣସି ଲଟେରୀ ଯୋଜନାରେ ଅଂଶଗ୍ରହଣ ପାଇଁ ପଇଠକୁ ନିଷେଦ୍ଧ କରାଯାଇଛି। ଏହି ପ୍ରକାର କଟକଣାଗୁଡ଼ିକ ମଧ୍ୟ ଲଟେରୀ ଯାହାକି ବର୍ତ୍ତମାନ ଭିନ୍ନ ଭିନ୍ନ ନାମରେ ପ୍ରଚଳିତ ଯଥା ମନି ସର୍କୁଲେସନ ସ୍କିମ୍ ବା ରେମିଟେନ୍ସ ଯେଉଁଥିରେ ଅର୍ଥ ପୁରସ୍କାର / ଆୱାର୍ଡ଼ସ ଉଦ୍ଦେଶ୍ୟରେ ଭାଗ ନେବା ପାଇଁ ଅର୍ଥ ପ୍ରେରଣ ବା ଗ୍ରହଣ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହେବ।

ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପଠାଯାଇଥିବା ସର୍କୁଲାରରେ ଏହା ବର୍ଣ୍ଣନା କରାଯାଇଛି ଯେ ଅନେକଗୁଡ଼ିଏ ନକଲି ଚିପ୍ ଫଣ୍ଡ ସଂସ୍ଥାଗୁଡ଼ିକଠାରୁ ବର୍ତ୍ତମାନ କିଛି କାଳ୍ପନିକ ଅଫର ପ୍ରଦାନ କରାଯାଉଛି। ଏହିସବୁ କାଳ୍ପନିକ ଅଫରଗୁଡ଼ିକ ପତ୍ର, ଇମେଲ୍, ମୋବାଇଲ୍ ଫୋନ୍, ଏସ୍ଏମ୍ଏସ୍ ଇତ୍ୟାଦି ମାଧ୍ୟମରେ କରାଯାଉଛି। ଏହିସବୁ ନକଲି ସଂସ୍ଥାଗୁଡ଼ିକର ସବିଶେଷ ବର୍ଣନା କରିବାକୁ ଯାଇ ରିଜର୍ଭ ବ୍ୟାଙ୍କ କହିଛନ୍ତି ଯେ ଏହିସବୁ ନକଲି ସଂସ୍ଥାମାନେ ରିଜର୍ଭ ବ୍ୟାଙ୍କର ନକଲି ଲେଟର ହେଡ୍‌ରେ ଏହାର କାର୍ଯ୍ୟନିର୍ବାହୀ / ବରିଷ୍ଠ ଅଧିକାରୀଙ୍କ ସ୍ୱାକ୍ଷର ଥାଇ କିଛି ଲୋକମାନଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରିଥାନ୍ତି। ଏହିସବୁ ଆକର୍ଷଣୀୟ ଅଫରରେ ଅନେକଗୁଡ଼ିଏ ପରିବାର ଠକାମିର ଶୀକାର ହୋଇଛନ୍ତି ଏବଂ ଏହି ପ୍ରକ୍ରିୟାରେ ସେମାନେ ଅନେକ ଅର୍ଥ ହରାଇଛନ୍ତି। ଆହୁରି ଏହା ମଧ୍ୟ ରିଜର୍ଭ ବ୍ୟାଙ୍କ ର ନୋଟିସ୍‌କୁ ଅବଗତ କରାଯାଇଛି ଯେ, ଏହିସବୁ ଠକ ସଂସ୍ଥାମାନେ ନିରୀହ ବ୍ୟକ୍ତିମାନଙ୍କଠାରୁ ବିଭିନ୍ନ ଉପାୟରେ ଯଥା ପ୍ରୋସେସିଂ ଫି/ ଟ୍ରାନ୍ଜାକ୍ସନ ଫି/ ଟ୍ୟାକ୍ସ କ୍ଲିୟରାନ୍ସ ଚାର୍ଜେସ୍ / କନ୍‌ଭରସନ୍ ଚାର୍ଜେସ୍, କ୍ଲିୟରିଂ ଫିସ୍ ଇତ୍ୟାଦି ନାମରେ ଅର୍ଥ ଆଦାୟ କରିଥାନ୍ତି। ଏହିସବୁ ଠକ ସଂସ୍ଥାର ବ୍ୟକ୍ତିମାନେ ଉପରୋକ୍ତ ଟ୍ରାନ୍ଜାକ୍ସନ ଚାର୍ଜ ଅର୍ଥକୁ ଗ୍ରହଣ କରିବା ପାଇଁ ବିଭିନ୍ନ ବ୍ୟାଙ୍କରେ ଅନେକ ବ୍ୟକ୍ତି ବିଶେଷ କିମ୍ବା ମାଲିକାନା ସଂସ୍ଥା ନାମରେ ଆକାଉଣ୍ଟ ଖୋଲିଥାନ୍ତି। ସେହି ବ୍ୟକ୍ତିମାନେ ସାଧାରଣ ଲୋକମାନଙ୍କୁ ଏହି ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ଅର୍ଥ ଜମା କରିବା ପାଇଁ ପ୍ରଲୋଭିତ କରାଇଥାନ୍ତି। ଜମା ହୋଇସାରିବା ପରେ ଏହି ଅର୍ଥକୁ ତୁରନ୍ତ ଉଠାଇ ନିଆଯାଇଥାଏ ଯାଦ୍ୱାରା ଜମାକର୍ତ୍ତା ଠକାମିର ଶୀକାର ହୋଇଥାନ୍ତି।

ରିଜର୍ଭ ବ୍ୟାଙ୍କ ବିଭିନ୍ନ ପ୍ରିଣ୍ଟ ଓ ଇଲେକ୍‌ଟ୍ରୋନିକ୍ସ ମିଡିଆ ଜରିଆରେ ଏହି ଭଳି ସନ୍ଦେହାସ୍ପଦ ଯୋଜନା / ଅଫରଗୁଡ଼ିକ ସମ୍ବନ୍ଧରେ ନିକଟ ଅତୀତରେ ବିଭିନ୍ନ ସମୟରେ ଜନସାଧାରଣଙ୍କୁ ସତର୍କ କରାଇ ଆସୁଛନ୍ତି। ଗ୍ରାହକମାନେ ଏଥିପାଇଁ ଆରବିଆଇର ଏହି ବିଷୟ ସମ୍ବନ୍ଧିତ ପ୍ରେସ ଇସ୍ତାହାରକୁ www.hdfcbank.comର ରେମିଟାନ୍ସ ସେକ୍ସନରୁ ଦେଖିପାରିବେ।

Validity : Permanent
Ver : BN8_V1.0_Sep11

ଏଚ୍ ଡି ଏଫ୍ ସି ବ୍ୟାଙ୍କ
ଆମେ ବୁଝୁ ଆପଣଙ୍କ ଦୁନିଆ